ଧରିତ୍ରୀ DHARITRI
ମଙ୍ଗଳବାର, ୨୬ ଜୁଲାଇ, ୨୦୨୨





ଗଣେଶ ପୂଜା ପ୍ରସ୍ତୁତି: ଅନୁଗୋଳ ସହରର ଏକ ମଣ୍ଡପରେ ପୂଜା ପାଇଁ ଗଜାନନଙ୍କ ମୂର୍ତ୍ତି ତିଆରି କରୁଛନ୍ତି ଜଣେ କାରିଗର। (ଫଟୋ- ବୁନୁ)

# ବିଶ୍ୱାସରେ ବିଷ ଦେଇ ନେଇଗଲେ ୧୫ ଶହ

## ଅନୁଗୋଳ ମେଡିକାଲରେ ଦଲାଲରାଜ

**ଅନୁଗୋଳ ଅଫିସ, ୨୫।୭**

ଅନୁଗୋଳ ମେଡିକାଲରେ ଦଲାଲମାନେ ଏବେ ମଧ୍ୟ ସକ୍ରିୟ ଅଛନ୍ତି। ରୋଗୀ ଓ ସମ୍ପର୍କୀୟଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କଠାରୁ ହଜାର ହଜାର ଟଙ୍କା ଠକି ନେଉଛନ୍ତି। ସୋମବାର ସକାଳେ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କ ବିଶ୍ୱାସରେ ଏପରି ବିଷ ଦେଇ ଜଣେ ଦଲାଲ ୧୫ ଶହ ଟଙ୍କା ନେଇ ଗାଏବ ହୋଇଯିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ବନ୍ତଲା ଖୁଣ୍ଟା ନିକଟବର୍ତ୍ତୀ ମହୀଧରପଡା ଗାଁର ପ୍ରଭାକର ବେହେରା ଗୁରୁତର ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ରକ୍ତ ଆବଶ୍ୟକ ପଡ଼ିବାରୁ ପୁଅ ପ୍ରକାଶ ଓ ସ୍ତ୍ରୀ ଝଟକା ରକ୍ତ ସଂଗ୍ରହ ପାଇଁ ଉଦ୍ୟମ କରୁଥିଲେ। ଏହି ଖବର ଦଲାଲଙ୍କ ନିକଟରେ ପହଞ୍ଚିବା ପରେ ସେ ପ୍ରଭାକରଙ୍କ ପୁଅଙ୍କୁ ଭେଟି ନିଜେ ବନ୍ତଲା ଅଞ୍ଚଳର ବୋଲି ପରିଚୟ ଦେଇଥିଲେ। ଏଥିସହ ଗୋଟିଏ ଅଞ୍ଚଳର ଲୋକ ହୋଇଥିବାରୁ ସୁବିଧାରେ ରକ୍ତ ସଂଗ୍ରହ କରାଇଦେବେ ବୋଲି କହି ବିଶ୍ୱାସ ଜନ୍ମାଇଥିଲେ। ଏପରି କି ବ୍ଲଡ ସାମ୍ପୁଲ୍‌କୁ ନିଜେ ନେଇ ବ୍ଲଡ ବ୍ୟାଙ୍କକୁ ଯାଇଥିଲେ। ଏହାପରେ ସମ୍ପୃକ୍ତ ଦଲାଲ କିଛି ଔଷଧ କିଣିବା ପାଇଁ ୧୫ ଶହ ଟଙ୍କା ଆବଶ୍ୟକ ବୋଲି ପ୍ରକାଶଙ୍କୁ କହିବା ସହ ୧୦ ମିନିଟ ଭିତରେ ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ରକ୍ତ ସଂଗ୍ରହରେ ସହାୟତା ଆଶାରେ ପ୍ରକାଶ ମଧ୍ୟ ତାଙ୍କୁ ଟଙ୍କା ଦେଇଦେଇଥିଲେ। ହେଲେ ଟଙ୍କା ପାଇବା ପରେ ଦଲାଲ ଜଣକ ସେଠାରୁ ତତ୍‌କ୍ଷଣାତ ଚମ୍ପଟ୍ ମାରିଥିଲେ। ଦୀର୍ଘ ଘଣ୍ଟାଏ ଧରି ଅପେକ୍ଷା ପରେ ପ୍ରକାଶ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ଅଭିଯୋଗ କରିଛନ୍ତି।



ଠକାମିରେ ଶିକାର ହୋଇଥିବା ରୋଗୀଙ୍କ ସମ୍ପର୍କୀୟ।

### ଆଜି କ'ଣ କେଉଁଠି

**ଅନୁଗୋଳ: ମାଳତୀ ଚୌଧୁରୀଙ୍କ ୧୧୮ ତମ ଜୟନ୍ତୀ**
- ସ୍ଥାନ– ବାଜି ରାଉତ ଛାତ୍ରାବାସ
- ସମୟ ପୂର୍ବାହ୍ନ ୧୦ ଘଟିକା

**କାରଗିଲ ବିଜୟ ଦିବସ ସମ୍ମାନ**
- ସ୍ଥାନ– ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
- ସମୟ ୧୦.୩୦ ଘଟିକା

### ସଂକ୍ଷେପରେ

## ୨ ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୨୫।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଗତ ଶନିବାର ଚୋରା ଲୁହା ସାମଗ୍ରୀ ଜବତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଅଭିଯୁକ୍ତ କାଳିଆକଟା ଗ୍ରାମର ଭଣ୍ଡୁ ଭୋଇ (୨୩) ଓ ଯୋଗୀ ଭୋଇଙ୍କୁ ଗିରଫ କରିଛି। ପୂର୍ବରୁ କାଳିଆକଟା ଗ୍ରାମର ସନ୍ତୋଷ ନାଏକଙ୍କୁ ଗିରଫ କରାଯାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଏକ ପ୍ଲାଣ୍ଟରୁ ଲୁହା ସାମଗ୍ରୀ ଚୋରି କରି ସନ୍ତୋଷ କାଳିକାଟା ଗ୍ରାମରେ ଥିବ ଖବରପାଇ ଶିଳ୍ପାଞ୍ଚଳ ପୋଲିସ ଚଢାଉ କରି ୨ ଟନ ୮୦ କିଲୋ ଲୁହା ସାମଗ୍ରୀ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ନଂ. ୧୪୧ /୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏହି ଘଟଣାରେ ସେହି ଗ୍ରାମର ୨ଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୋଲିସ ଉଭୟଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

## ଗ୍ରୀଲ୍ ଚୋରି, ଜଣେ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୨୫।୭:** ଅନୁଗୋଳ ସଦର ଥାନା କୁଇଓ ଜଙ୍ଗଲରେ ଥିବା ଏକ ଶିଳ୍ପ ସଂସ୍ଥାର ଗ୍ରିଲ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଯୁବକ ହେଲେ ହଣ୍ଡପା ଥାନା ଡାହିମାଳ ଗ୍ରାମର ଭାଲୁ ଓରଫ ପ୍ରଦୀପ ବିଶ୍ୱାଳ(୩୫) ବୋଲି ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ସୁରକ୍ଷାକର୍ମୀ ଶକ୍ତି ରଞ୍ଜନ ଦାସ ଅନୁଗୋଳ ସଦର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୫୭/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ କରିବା ସମୟରେ ଭାଲୁ ଓ ଅନ୍ୟ ଜଣେ ବ୍ୟକ୍ତି ଫାଟକରେ ଲାଗିଥିବା ଗ୍ରୀଲକୁ ଚୋରି କରିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଭାଲୁ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାବେଳେ ଅନ୍ୟଜଣେ ଫେରାର ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଜବତ ହୋଇଥିବା ଗ୍ରୀଲକୁ ଉକ୍ତ ସୁରକ୍ଷାକର୍ମୀଙ୍କୁ ପ୍ରଦାନ କରାଯାଇଥିବା ଥାନା ଅଧିକାରୀ ରାଉତ କହିଛନ୍ତି।

## ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

**ଅନୁଗୋଳ ଅଫିସ,୨୫।୭:** ଅନୁଗୋଳ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଜରଡ଼ାଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସ୍କାଉଟ୍ସ ଓ ଇକୋ କ୍ଲବର ଛାତ୍ରୀଛାତ୍ରମାନେ ଅଁଳା, ବାହାଡ଼ା, ହରିଡା, ଜାମୁକୋଳି, ଆମ୍ବ ଆଦି ଚାରା ରୋପଣ କରାଯାଇଥିଲା। ସ୍କାଉଟ୍ସ ଶିକ୍ଷକ ମନୋଜ କୁମାର ସାହୁ, ଇକୋ କ୍ଲବ ଇନଚାର୍ଜ ମଦନ ସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ବିନୋଦ ସାହୁ, ସହକାରୀ ଶିକ୍ଷକ ତରଣୀସେନ ସାହୁ, ଅଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରୀ ଆସିଲେ ଦିଆଯିବ ଅନୁମତି

- ବିଦ୍ୟୁତ୍ ଅବ୍ୟବସ୍ଥା ନେଇ ଛେଣ୍ଡିପଦାର ୩ ପଞ୍ଚାୟତରେ ଅସନ୍ତୋଷ
- ବିଲ୍ ଆଦାୟ ପାଇଁ କର୍ମଚାରୀଙ୍କୁ ଗାଁରେ ପୂରାଇ ଦିଆଯାଉନାହିଁ
- ସମସ୍ୟା ସମାଧାନ ନେଇ ଆଲୋଚନା ନ ହେବା ଯାଏ ବିରୋଧ

**ଛେଣ୍ଡିପଦା, ୨୫।୭ (ସ୍ୱ.ପ୍ର.)**

ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍ କାଟ। ବଦଳାଯାଉନି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଇଲେକ୍ଟ୍ରି ଖୁଣ୍ଟ। ନିର୍ଦ୍ଧାରିତ ଉଚ୍ଚତାକୁ ଉଠାଯାଉନି ଅତି ତଳକୁ ଓହଳିଥିବା ତାର। ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମରରେ ଲାଗି ମରୁଛନ୍ତି ଗୋରୁ। ମିଟର ପାଖରେ ନ ଅଟକି ଘରେ ପଶୁଛନ୍ତି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍। ବିଦ୍ୟୁତ୍ ଅବ୍ୟବସ୍ଥା ଦୂର ପରିବର୍ତ୍ତେ ବଳ ପ୍ରୟୋଗ କରୁଛି ବଣ୍ଟନକାରୀ କମ୍ପାନୀ। ଏହି କାରଣରୁ ବିଲ୍ ଆଦାୟ ପାଇଁ ଆସୁଥିବା କର୍ମଚାରୀଙ୍କୁ ପୂରାଇ ଦିଆଯାଉନି ଗାଁରେ। ସମସ୍ୟା ସମାଧାନ ପାଇଁ ଅଧିକାରୀମାନେ ଆସି ଆଲୋଚନା କରିବା ପରେ ଯାଇ ଗାଁକୁ ପ୍ରବେଶ ଅଧିକାର ଦିଆଯିବ ବୋଲି କହିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ୩ ପଞ୍ଚାୟତର ଅନେକ ବିଦ୍ୟୁତ୍ ଉପଭୋକ୍ତା।

ସେମାନଙ୍କ କହିବା ଅନୁଯାୟୀ, ବ୍ଲକର କମ୍ପସଲା, ବ୍ରାହ୍ମଣବିଲ ଓ ଚାଙ୍ଗୁଡିଆ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବିଦ୍ୟୁତ୍ ସେବାର ସେପରି ସୁବିଧା ପାଇପାରୁ ନାହାନ୍ତି। ଦୀର୍ଘଦିନ ହେବ ଅଚାନକ ବିଦ୍ୟୁତ୍ କାଟ ଜାରି ରହିଛି। ଦିନକୁ ୧୦ରୁ ଅଧିକ ଥର ପାୱାର କଟାଯାଉଛି। ଲୋ ଭୋଲଟେଜ୍‌ର ପ୍ରତିକାର କରାଯାଉ ନାହିଁ। ଘନ ଘନ ବିଦ୍ୟୁତ୍ ଯାଉଥିବାରୁ ଚାଷୀ ପାଣି ପମ୍ପ ଚଲାଇପାରୁ ନାହିଁ। ସନ୍ଧ୍ୟାରେ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି। ପାନୀୟ ପ୍ରକଳ୍ପରୁ ପାଇପ୍ ପାଣି ଆସିପାରୁ ନାହିଁ। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମର ବିପଦ ସାଜୁଥିଲେ ମଧ୍ୟ ସମସ୍ୟା ଦୂର କରାଯାଉ ନାହିଁ। ଆଖପାଖରେ ହାତୀ ଥିଲେ ଦିନ ଦିନ ଧରି ଇଲେକ୍ଟ୍ରିର ଦେଖା ମିଳୁନାହିଁ। ଫଳରେ ଅନ୍ଧାରରେ ଗ୍ରାମବାସୀ ହାତୀ ଭୟ ଭିତରେ ରାତି କାଟୁଛନ୍ତି। ବିନା କାରଣରେ ଓ ବିନା ଅନୁମତିରେ ଲାଗିଥିବା ମିଟରକୁ ପରିବର୍ତ୍ତନ କରିଦିଆଯାଉଛି। ଏ ବାବଦରେ ୨୪ଶହ ଟଙ୍କା ଉପଭୋକ୍ତାଙ୍କ ଉପରେ ଲଦି ଦିଆଯାଉଛି। ଆସୁଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜବରଦସ୍ତି ଘରେ ପଶି ଜରିମାନା କରୁଛି। ଏ ନେଇ ଆପତ୍ତି ଅଭିଯୋଗ କଲେ କର୍ଣ୍ଣପାତ କରାଯାଉ ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ ମନୋମୁଖୀ କାର୍ଯ୍ୟ ତଥା ଏପରି ଶୋଷଣ ନୀତି ବିରୋଧରେ ବ୍ଲକ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ୩ଟି ପଞ୍ଚାୟତର ଉପଭୋକ୍ତାମାନଙ୍କୁ ନେଇ ଏକ ମଞ୍ଚ ଗଠନ କରାଯାଇଛି। ଦେୟ ଆଦାୟ ପାଇଁ ଆସୁଥିବା କମ୍ପାନୀର କୌଣସି କର୍ମଚାରୀଙ୍କୁ ଗ୍ରାମକୁ ପ୍ରବେଶ କରାଇ ଦିଆଯାଉ ନାହିଁ। ମାସେ ହେଲା ଏପରି ବିରୋଧ, ପ୍ରତିବାଦ ଜାରି ରହିଥିଲେ ମଧ୍ୟ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ଆସୁନାହାନ୍ତି କି ଆଲୋଚନା କରୁନାହାନ୍ତି। ଏପରି ମନୋମୁଖୀ କାର୍ଯ୍ୟର ଆଗାମୀ ଦିନରେ ଜୋରଦାର ପ୍ରତିବାଦ କରାଯିବ। ଉପଭୋକ୍ତାମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବାରୁ ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀକୁ ଏଥିପାଇଁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ୩ ପଞ୍ଚାୟତର ବହୁ ଉପଭୋକ୍ତା ଚେତାବନୀ ଦେଇଛନ୍ତି।





### ସମସ୍ୟା ପ୍ରତି କର୍ଣ୍ଣପାତ କରାଯାଉନି



"ବିଦ୍ୟୁତ୍ କର୍ମଚାରୀମାନେ ବଳପୂର୍ବକ ଠିକ୍ ଥିବା ମିଟରକୁ ପରିବର୍ତ୍ତନ କରିବା ସହିତ ଉପଭୋକ୍ତାଙ୍କ ଅଗୋଚରରେ ସେମାନଙ୍କଠାରୁ ୨୪୦୦ ଟଙ୍କା ନେଉଛନ୍ତି। ଏନ୍‌ଫୋର୍ସ ଟିମ୍ ଲୋକଙ୍କୁ ଜରିମାନା ଭୟ ଦେଖାଉଛି। ମାନସିକ ଚାପ ପକାଉଛି। କିନ୍ତୁ ଉପଭୋକ୍ତାଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହାନ୍ତି।

**-ହରମୋହନ ଗଡ଼ତିଆ, ସନ୍ତରାବନ୍ଧ**

### ଅଭିଯୋଗ କଲେ ଶୁଣୁନାହାନ୍ତି



"ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଘରୋଇ କମ୍ପାନୀକୁ ସରକାର ଦାୟିତ୍ୱ ହସ୍ତାନ୍ତର କରୁଛନ୍ତି। କିନ୍ତୁ ନୂଆ କମ୍ପାନୀ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ମଧ ଏଠାରେ ରକ୍ଷଣାବେକ୍ଷଣ, ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର, ଲୋ ଭୋଲଟେଜ ଆଦି ସମସ୍ୟା ଲାଗି ରହିଛି। ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି।

**-କ୍ଷୀରମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ**

### ସ୍ଥିତି ନ ସୁଧାରିବା ପର୍ଯ୍ୟନ୍ତ ବିରୋଧ



୩ଟି ପଞ୍ଚାୟତରେ ପ୍ରାୟ ୨୮ଶହ ଉପଭୋକ୍ତା ଅଛନ୍ତି। କିନ୍ତୁ ଘରୋଇ କମ୍ପାନୀର ଶୋଷଣ ନୀତି ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ଉପାୟରେ ଉପଭୋକ୍ତାମାନଙ୍କ ଉପରେ ଜୁଲମ କରାଯାଉଛି। ସ୍ଥିତି ନ ସୁଧାରିବା ପର୍ଯ୍ୟନ୍ତ ଗ୍ରାମକୁ କୌଣସି କର୍ମଚାରୀଙ୍କୁ ଆସିବାକୁ ଦେବୁ ନାହିଁ ।

**-ଚୌଧୁରୀ ପ୍ରଧାନ, ଆଇନଜୀବୀ, ସନ୍ତରାବନ୍ଧ ଗାଁ ସମ୍ପାଦକ**

### କାମରେ ଆସୁନି ବିଦ୍ୟୁତ୍



"ବିଦ୍ୟୁତ୍ କାଟ ଏପରି ହେଉଛି ଯେ ଏହା ଠିକଣା କାମରେ ଲାଗିପାରୁ ନାହିଁ। ସନ୍ଧ୍ୟାରେ ଲାଇନ ରହୁ ନ ଥିବାରୁ ପିଲାମାନେ ପାଠ ପଢ଼ିପାରୁନାହାନ୍ତି। ଚାଷୀ ମୋଟର ପମ୍ପ ବ୍ୟବହାର କରିପାରୁ ନାହିଁ। ବିଦ୍ୟୁତ୍ ସମସ୍ୟା ଏଠାରେ ଜଟିଳ ଅବସ୍ଥାରେ ଥିବାରୁ ରାତିରେ ଲଣ୍ଠନ ବ୍ୟବହାର କରାଯାଉଛି। ତେଣୁ ସ୍ଥାୟୀ ସମାଧାନ ହେଲେ ବିଦ୍ୟୁତ୍ ବିଲ୍ ଦେବୁ।

**-ନକୁଳ ସାହୁ, କଙ୍କୁରପାଳ**

### ସମାଧାନ ପାଇଁ ଚେଷ୍ଟା କରାଯାଉଛି



"୫୫ କି.ମି. ଦୂରରୁ ବିଦ୍ୟୁତ୍ ଆସୁଥିବାରୁ ଲୋ ଭୋଲଟେଜ ସମସ୍ୟା ରହୁଛି। ଛେଣ୍ଡିପଦାରେ ଗ୍ରୀଡ୍ ନ ଥିବାରୁ ଗୋଟିଏ ସବ୍‌ଷ୍ଟେଶନ ପକ୍ଷରୁ କିଛି ମରାମତି କାମ କରାଗଲେ ଅନ୍ୟ ସବ୍‌ଷ୍ଟେଶନକୁ ମଧ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଲୋକଙ୍କ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଦେଇଛୁ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି।

**-ରୋହିତ କୁମାର ସାହୁ, ଯନ୍ତ୍ରୀ, ଛେଣ୍ଡିପଦା ବିଦ୍ୟୁତ୍ ସେକ୍ସନ**

## ସିଲିଣ୍ଡରରୁ ଗ୍ୟାସ୍ ଚୋରି ଅଭିଯୋଗ

**ଅନୁଗୋଳ ଅଫିସ, ୨୫।୭**

ଦେଶରେ ଏବେ ରନ୍ଧନ ଗ୍ୟାସ୍ ଦର ଆକାଶଛୁଆଁ ହେଲାଣି। ଏହି ଦର ଅନୁଗୋଳରେ ସିଲିଣ୍ଡର ପିଛା ୧୧୦୦ ଟଙ୍କାରେ ପହଞ୍ଚିଲାଣି। ଏଭଳି ମୂଲ୍ୟ ବୃଦ୍ଧିକୁ ନେଇ ହିତାଧିକାରୀମାନେ ହନ୍ତସନ୍ତ ହେଉଥିବା ବେଳେ ଏଜେନ୍ସିରୁ ଗ୍ୟାସ୍ ଆଣି ହିତାଧିକାରୀଙ୍କ ନିକଟରେ ପହଞ୍ଚାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ସିଲିଣ୍ଡରରୁ ଗ୍ୟାସ ଚୋରି କରୁଥିବା ଅଭିଯୋଗ ହେଉଛି। ହିତାଧିକାରୀମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ପିକ୍‌ଅପ୍ ଗାଡ଼ିରେ ଗ୍ୟାସ୍ ବୋଝେଇ ହୋଇ ଏଜେନ୍ସିରୁ ବାହାରିଥିଲା। କିନ୍ତୁ ହିତାଧିକାରୀଙ୍କ ନିକଟକୁ ଯିବା ପୂର୍ବରୁ ସହରର ହାତୀଶାଳପଡ଼ାରେ ଥିବା ଏକ ଦୋକାନ ନିକଟରେ ଅଟକି ଭରା ସିଲିଣ୍ଡରରୁ କେତୋଟି ଖାଲି ସିଲିଣ୍ଡରକୁ ଗ୍ୟାସ୍ ଚୋରି କରାଯାଉଥିବା ନଜରକୁ ଆସିଥିଲା। ଏହା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ହିତାଧିକାରୀ ପହଞ୍ଚିଯିବାରୁ ଦୋକାନୀ ଜଣଙ୍କ ଦୋକାନ ଘର ବନ୍ଦ କରି ଦେଇଥିଲେ। ସେହିପରି ସେଠାରେ ଅଟକିଥିବା ଗ୍ୟାସ୍ ଗାଡ଼ି ମଧ୍ୟ ଚାଲିଯାଇଥିଲା। ତେବେ ଉକ୍ତ ଦୋକାନରେ ପ୍ରତ୍ୟେକ ଦିନ ଏପରି ଗ୍ୟାସ ଚୋରି କରାଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏପରି କି ପ୍ରତ୍ୟେକ ଟାଙ୍କିରୁ ଗୋଟିଏରୁ ଦୁଇ କିଲୋଗ୍ରାମ ଗ୍ୟାସ୍ କଢ଼ାଯିବା ପରେ ଲୋକଙ୍କୁ ପ୍ରଦାନ କରାଯାଇଥାଏ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଏଜେନ୍ସି ଦାୟିତ୍ୱରେ ଥିବା ବ୍ୟକ୍ତି ଗ୍ୟାସ ଚୋରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଜେନ୍ସି ପିଲାମାନେ ଏପରି କରୁ ନ ଥିବା ସେ କହିଛନ୍ତି।

# ବଦଳି, କାରଣ ଦର୍ଶାଅ ନୋଟିସ

## କୋର୍ଟ ପରିସରରେ ପୋଲିସ ବାବୁ ବାନ୍ତି କରିବା ଘଟଣା

**ଅନୁଗୋଳ ଅଫିସ, ୨୫।୭**

ଅନୁଗୋଳ ଜିଲା କୋର୍ଟକୁ ଏକ ମାମଲାରେ ଗତ ବୁଧବାର ମଧ୍ୟାହ୍ନରେ ଆସିଥିବା ଜଣେ ପୋଲିସ ବାବୁ କୋର୍ଟ ପରିସରରେ ବାନ୍ତି କରିବା ଓ ପରେ ୟୁନିଫର୍ମ ଖୋଲି ଚଟାଣରେ ଗଡ଼ିବା ଘଟଣାର ତଦନ୍ତ ସରିଛି। ଏହି ତଦନ୍ତ ଦାୟିତ୍ୱ ଜଣେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଖୋଦ୍ ଏସ୍‌ପି ଜଗମୋହନ ମୀନା ସମ୍ପୃକ୍ତ ପୋଲିସ ବାବୁଙ୍କୁ ଡାକି ପଚରା ଉଚରା କରିଥିଲେ। ତଦନ୍ତ ସମୟରେ ନିଶା ନୁହେଁ, ବରଂ ଅସୁସ୍ଥ ଥିଲେ ବୋଲି ପୋଲିସ ବାବୁ ସଫେଇ ଦେଇଥିଲେ। ତଦନ୍ତ ପରେ ତାଙ୍କ ବିରୋଧରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ଛେଳିଆପଡ଼ାରେ ଥିବା ପୋଲିସ ରିଜର୍ଭ (ଆରୋ)କୁ ବଦଳି କରାଯାଇଛି। ଏଥିସହ କାରଣ ଦର୍ଶାଅ ନୋଟିସ ମଗାଯାଇଥିବା ଏସ୍‌ପି ମୀନା କହିଛନ୍ତି। କାରଣ ଦର୍ଶାଅ ନୋଟିସର ଉତ୍ତର ଦେବା ପରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



# ଉଚ୍ଛେଦ ପାଇଁ ସଜବାଜ

- ଜବରଦଖଲକାରୀଙ୍କ ମଧରେ ଛନକା
- ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ

**ଅନୁଗୋଳ ଅଫିସ, ୨୫।୭**

ଅନୁଗୋଳ ସହର ରାଜା ଛକରୁ ଥାନା ଛକ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ପଶିଛି ଛନକା। ଏହି ଜବରଦଖଲ କାରଣରୁ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରି କି ଏହି ରାସ୍ତା ପାର ହେବାକୁ ସନ୍ଧ୍ୟା ସମୟରେ ପ୍ରାୟ ଅଧଘଣ୍ଟା ଲାଗିଯାଉଥିବା ନେଇ ଗତ ୨୪ ତାରିଖ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଛି। ଏଠାରେ ଜବରଦଖଲ ଉଚ୍ଛେଦ ପାଇଁ ପୌର ପ୍ରଶାସନ ପକ୍ଷରୁ ସଜବାଜ ଆରମ୍ଭ ହୋଇଥିବାରୁ ଜବରଦଖଲକାରୀ ତାହାକୁ ରୋକିବାକୁ ଜୋରଦାର ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ରାଜା ଛକରୁ ଥାନା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ରାଜନେତା ନିଜ ଅକ୍ତିଆରରେ ରଖି ତାହାକୁ ଦଲାଲଙ୍କ ଜରିଆରେ ବ୍ୟବସାୟୀଙ୍କୁ ଭଡ଼ାରେ ଦେଇଛନ୍ତି। ଫଳରେ ଏହି ରାସ୍ତାରେ ଟ୍ରାଫିକ ଯନ୍ତ୍ରଣା ଦେଖାଦେବା ସହ ସାଧାରଣ ଲୋକ ଓ ଆମ୍ବୁଲାନ୍ସ ଯାତାୟାତରେ ସମସ୍ୟା ଉପୁଜୁଛି। ତେଣୁ ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଥିଲା। ଏଭଳି କି ସେଠାରେ ଜବରଦଖଲ କରି ସରକାରୀ ଜାଗାକୁ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ବଢୁଥିଲା। ଏ ନେଇ ଅନୁଗୋଳ ପୌରପାଳିକା ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଉକ୍ତ ସରକାରୀ ଜାଗାରେ ଥିବା ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ। ଏହି ସ୍ଥାନରେ ଥିବା ଦୋକାନକୁ ଉଚ୍ଛେଦ କରାଯିବ ବୋଲି ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି। ଥାନା ଛକ ଠାରୁ ରାଜା ଛକ ପର୍ଯ୍ୟନ୍ତ ଥିବା ରାସ୍ତାରେ ସ୍ୱତନ୍ତ୍ର ପ୍ରକଳ୍ପ କରାଯାଇ ସୌନ୍ଦର୍ଯ୍ୟକରଣ କରାଯିବ। ସହରର ପ୍ରବେଶ ପଥ ହୋଇଥିବାରୁ ସେଠାରେ ଆଖି ଝଲସିବା ଭଳି ଉନ୍ନତିକରଣ ହେବ। ଏ ନେଇ ସେଠାରେ ଥିବା ବ୍ୟବସାୟୀଙ୍କୁ ଉଠିବାକୁ କୁହାଯାଇଛି। ଯଦି ସେମାନେ ଜାଗା ଖାଲି ନ କରନ୍ତି, ତେବେ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ନିର୍ବାହୀ ଅଧିକାରୀ କହିଛନ୍ତି। ସେଠାରେ ବ୍ୟବସାୟ କାରଣରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନକୁ ରାଜସ୍ୱ ବିଭାଗକୁ କହି ମାପଚୁପ କରାଯାଇଛି। ଖୁବ୍‌ଶୀଘ୍ର ଉକ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ଟେଣ୍ଡର ବାହାରିବ। ଏହାପରେ ସେଠାରୁ ଯଦି ବ୍ୟବସାୟୀ ଉଠି ନ ଥିବେ, ଦୋକାନଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।



# ବୋଲେରୋକୁ କରିଦେଲେ କ୍ୟାମ୍ପର

ଢେଙ୍କାନାଳ ଅଫିସ, ୨୫।୭

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କ କାର୍ଯ୍ୟାଳୟରେ ଗାଡ଼ି ପଞ୍ଜୀକରଣରେ ବଡ଼ ଧରଣର ତ୍ରୁଟି ହୋଇଛି। ଭଲ୍ୟୁମ୍ ବୁକରେ ଏକ ବୋଲେରୋକୁ ଯାତ୍ରୀବାହୀ ଗାଡ଼ି ଦର୍ଶାଯାଇଥିବାବେଳେ ପ୍ରଦାନ କରାଯାଇଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ସ୍ମାର୍ଟକାର୍ଡରେ ଏହାକୁ କ୍ୟାମ୍ପର (ଡାଲାଯୁକ୍ତ ପିକ୍‌ଅପ୍ ଭ୍ୟାନ) ବୋଲି ଦର୍ଶାଯାଇଛି। ଏଭଳି ବିଭାଗୀୟ ତ୍ରୁଟିକୁ ସୁଧାରିବା ପରିବର୍ତ୍ତେ ଫିଟ୍‌ନେସ୍ ସାର୍ଟିଫିକେଟ୍ ଦିଆଯାଉ ନ ଥିବାରୁ ଦୀର୍ଘ ୯ବର୍ଷ ହେଲା ଗାଡ଼ି ଅବ୍ୟବହୃତ ହୋଇ ପଡ଼ିରହିଛି। ଗୋଟିଏ ପଟେ ଗାଡ଼ିଟି ବ୍ୟବସାୟରେ ଲାଗି ପାରୁ ନ ଥିବାବେଳେ ଅନ୍ୟପଟେ ମାଲିକଙ୍କ ଉପରେ ଋଣ ଭାର ବଢ଼ିଚାଲିଥିବା ଅଭିଯୋଗ ହୋଇଛି।

ଢେଙ୍କାନାଳ ସହର ଅମଲାପଡ଼ା ଅଞ୍ଚଳର ଗାଡ଼ି ମାଲିକ ଅକ୍ଷୟ କୁମାର ପ୍ରଧାନଙ୍କ କହିବା କଥା, ସେ ଉକ୍ତ ବୋଲେରୋ (ନଂ. ଓଆର୍ ୦୬–ଏଫ୍–୬୯୭୯)କୁ ୨୦୦୫ରେ କିଣିଥିଲେ। ୨୦୦୫ ନଭେମ୍ବର ୩୦ରେ ଆର୍‌ଟିଓ ଅଫିସରେ ଏହାର ରେଜିଷ୍ଟ୍ରେଶନ ହୋଇଥିଲା। ରାଜ୍ୟ ସରକାରଙ୍କ ଆଞ୍ଚଳିକ ପରିବହନରେ ଥିବା ଭେହିକିଲ ପର୍ଟିକୁଲାରରେ ଗାଡ଼ିକୁ ୮ସିଟ୍ ବିଶିଷ୍ଟ ବୋଲେରୋ ବୋଲି ଉଲ୍ଲେଖ କରାଯାଇଥିଲା। ଆର୍‌ଟିଓ ଅଫିସରେ ଥିବା ଭଲ୍ୟୁମ ଅନୁଯାୟୀ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପ୍ରସ୍ତୁତ କରାଯିବା କଥା। ହେଲେ ଏଥିରେ ବ୍ୟତିକ୍ରମ ହୋଇଛି। ସବୁଠାରୁ ବଡ଼କଥା, ୨୦୦୫ରୁ ୨୦୧୩ ଯାଏ ଏକ ଯାତ୍ରାବାହୀ ଗାଡ଼ିକୁ କ୍ୟାମ୍ପର ଦର୍ଶାଇ ନିୟମିତ ଭାବେ ଟିକସ୍ ଆଦାୟ କରି ଫିଟ୍‌ନେସ୍ ଦିଆଯାଇଛି। ୨୦୧୩ ପରେ ହଠାତ୍ ଆର୍‌ଟିଓରୁ ଉକ୍ତ ଗାଡ଼ିର ଫିଟ୍‌ନେସ ସାର୍ଟିଫିକେଟ ପ୍ରଦାନ କରିବା ବନ୍ଦ କରି ଦିଆଯାଇଛି। ଫଳରେ ଗାଡ଼ି ଘରେ ପଡ଼ିରହିଛି। ଋଣ କିପରି ପରିଶୋଧ ହେବ ସେହି ଚିନ୍ତାରେ ଦିନ କଟୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବାଧ ହୋଇ ଆଇନରେ ଆଶ୍ରୟ ନେବେ ବୋଲି ଅକ୍ଷୟ କହିଛନ୍ତି। ଜିଲା ସଦର ମହକୁମାରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ତ୍ରୁଟି ଯୋଗୁ ଜଣେ ଗାଡ଼ି ମାଲିକ ଦୀର୍ଘ ୯ବର୍ଷ ହେଲା ମାନସିକ ଚାପରେ ଅଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।



■ଆର୍‌ଟିଓ ଅଫିସରେ ରେଜିଷ୍ଟ୍ରେଶନରେ ବଡ଼ ବିଭ୍ରାଟ
■ଫିଟନେସ୍ ପ୍ରମାଣପତ୍ର ମିଳୁ ନ ଥିବାରୁ ଗାଡ଼ି ଚାଲୁନାହିଁ
■୯ବର୍ଷ ହେଲା ବିଭାଗକୁ ଧାଉଁଛନ୍ତି ବୋଲେରୋ ମାଲିକ

ଏ ସଂକ୍ରାନ୍ତରେ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ କୁହନ୍ତି, ଗାଡ଼ି ରେଜିଷ୍ଟ୍ରେଶନ ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ଏଭଳି ତ୍ରୁଟି ହୋଇଛି। ଗାଡିର ଭଲ୍ୟୁମ୍ ବହି ଅନୁସାରେ ରେଜିଷ୍ଟ୍ରେଶନ ସ୍ମାର୍ଟ ସାର୍ଟିଫିକେଟ୍ ପ୍ରଦାନ କରିବା କଥା। ତାହା ହୋଇନାହିଁ। କିଛି ଦିନ ତଳେ ଗାଡି ମାଲିକ ଆସି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଆବେଦନ କଲେ ସଂଶୋଧନ କରିଦିଆଯିବ ବୋଲି ତାଙ୍କୁ କୁହାଯାଇଥିବା ମୋଟରଯାନ ନିରୀକ୍ଷକ ସ୍ୱାଇଁ ସୂଚନା ଦେଇଛନ୍ତି।


Form No. 39 (Form I of Appendix I)
...ER OF MOTOR VEHICLES REGISTERED IN THE DISTRICT OF ...
Registered number ... 6979 Sri Akshya Kumar Pradhan
Name of owner and the name of father or husband ... S/O ... Ghanashyam Pradhan
Address of registered owner
Transferred to
Class of vehicle
Maker's name ... Mahindra & Mahindra Ltd
Type of body ... Hard Top
Year of manufacture
Number of cylinders ... 4
Chassis number ... MAIXA2GAK52K53154
Engine number ... GA54K41880
Horse power ...
Capacity of engine ... 2523 CC

ଆରଟିଓ ଅଫିସ ଭଲ୍ୟୁମ୍ ବହିରେ ବୋଲେରୋ ୮–ସିଟର ବୋଲି ଦର୍ଶାଯାଇଛି।


CERTIFICATE OF REGISTRATION
ODISHA STATE
Form 23A
OR06F6979
REGD. DATE 30-11-2005
MFG. DATE 10/2005
OWNER SRL. 1
Name: AKSHYA KUMAR PRADHAN
S/D/W of: GHANASHYAM PRADHAN
Address: AT-AMALAPADA NA DHENKANAL OR 999999
TRANSPORT
CLASS OMNI BUS
REF. MFG MAHINDRA & MAHINDRA L
NO. OF CYL. 4
UNLADEN WT. 1615
SEATING CAP. 8
STANDING CAP. 0
FUEL USED DIESEL
CC 2523
WHEEL BASE 0
PURPOSE: NEW
TAX
E. NO. GA54K41880
CH. NO. MAIXA2GAK52K53154
MAKE BOLERO CAMPER 2WD
COLOUR : NA
BODY TYPE HARD TOP
TRFR. DATE:
VALID UPTO:09-10-2013

| AXLE TYPE | NO & SIZE | WEIGHT |
|---|---|---|
| Front | 000000 | 000000 |
| Rear | 000000 | 000000 |
| Other | 0 | 000000 |
| Tandem | 0 | 000000 |

ISSUING AUTHORITY

ରେଜିଷ୍ଟ୍ରେଶନ ସାର୍ଟିଫିକେଟରେ ଗାଡ଼ିକୁ ବୋଲେରୋ କ୍ୟାମ୍ପର ବୋଲି ଦର୍ଶାଯାଇଛି।

## କପିଳାସ ପୀଠରେ ୬୦ ହଜାର ଶ୍ରଦ୍ଧାଳୁ

ଢେଙ୍କାନାଳ ଅଫିସ, ୨୫।୭

ଶ୍ରାବଣ ଦ୍ୱିତୀୟ ସୋମବାରରେ ଶ୍ରଦ୍ଧାଳୁମୟ ହୋଇଛି ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସ। ପ୍ରାୟ ୬୦ ହଜାର ମାନସିକଧାରୀ କାଉଡ଼ିଆ ମହାଦେବ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ଶିବ ପଞ୍ଚାକ୍ଷରୀ, ହରହର ମହାଦେବ ଧ୍ୱନିରେ ମନ୍ଦିର ବେଢ଼ା ପ୍ରକମ୍ପିତ ହୋଇଉଠିଥିବାବେଳେ ଜଳାଭିଷେକ ପାଇଁ ପୀଠରୁ ପାଦଦେଶ ଯାଏ ଲାଗିଥିଲା ଲମ୍ବା ଲାଇନ୍। ଢେଙ୍କାନାଳ ସମେତ ସମ୍ବଲପୁର, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡା, କଟକ, ଅନୁଗୋଳ ଜିଲାର ଶ୍ରଦ୍ଧାଳୁମାନେ ରବିବାର ଅପରାହ୍ନରେ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ଘାଟରୁ ପୂଜାର୍ଚ୍ଚନ କରି ଜଳ ଉଠାଇବା ପରେ କପିଳାସ ପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହାକୁ ନେଇ ଗେଙ୍ଗୁଟିଆ–ଢେଙ୍କାନାଳ–କପିଳାସ ଏବଂ ଭୁବନ–ଗଁଦିଆ–କପିଳାସ ଏବଂ କଟକ ଜିଲା ଟାଙ୍ଗୀ–ସୋରିଷିଆପଦା–ଦେଓଗାଁ ରାସ୍ତାରେ ରାତି ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। କେତେକ ସ୍ଥାନରେ ରାସ୍ତା ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ବାରବାଙ୍କ ଘାଟି ରାସ୍ତା ଏବଂ ପାହାଚ ରାସ୍ତାର ବୃଷଭଙ୍କ ନିକଟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଇ ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଳଲାଗି ପରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାସ୍ତାରେ ପୋଲିସ ପାଟ୍ରୋଲିଂ କରାଯାଇଥିଲା। ସେହିପରି ପୀଠ ପରିସର, କପିଳାସ ପାଦଦେଶରେ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ।

# ଦୁର୍ଘଟଣାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଦେହାନ୍ତ

ଭୁବନ, ୨୫।୭(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଯୁବ ଗଣମାଧ୍ୟମ ପ୍ରତିନିଧି ଦୁଷ୍ମନ୍ତ କୁମାର ମହାନ୍ତି (୩୦)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ଏଥିରେ ଲିଙ୍କନ ବାରିକ (୧୮) ନାମ୍ନୀ ଜଣେ କଲେଜ ଛାତ୍ରୀ ଗୁରୁତର ହୋଇଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମ 'କଳିଙ୍ଗ ଟିଭି' ଓ 'କେ–ନ୍ୟୁଜ୍'ରେ କାର୍ଯ୍ୟରତ ଦୁଷ୍ମନ୍ତ ତାଙ୍କ ନିକଟ ସମ୍ପର୍କୀୟ ଲିଙ୍କନ୍‌କୁ କଲେଜରେ ଛାଡ଼ିବାକୁ ଯାଉଥିଲେ। ସେଠାରୁ ଭୁବନରେ ହେଉଥିବା ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରକୁ ଖବର ସଂଗ୍ରହ କରିବାକୁ ଯାଇଥାଆନ୍ତେ। ତେବେ ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱ ଭୁବନ ଥାନା ସମ୍ମୁଖରେ ବାଇକ୍ ଭାରସାମ୍ୟ ହରାଇଥିଲା। ଦୁଷ୍ମନ୍ତଙ୍କ ମୁଣ୍ଡ ଏକ ପଥରରେ ପିଟି ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବା ସହ ସେ ଚେତାଶୂନ୍ୟ ହୋଇପଡ଼ିଯାଇଥିଲେ।

ଜନଶୁଣାଣିକୁ ଯାଉଥିବା ଭୁବନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଲିଙ୍କନ୍‌ଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ସେ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।


ଦୁଷ୍ମନ୍ତ ମହାନ୍ତି

■ଖବର ସଂଗ୍ରହ କରିବାକୁ ଯାଉଥିଲେ
■ସାଙ୍ଗରେ ଥିବା ସମ୍ପର୍କୀୟ ଛାତ୍ରୀ ଗୁରୁତର

ଭୁବନ ଥାନା କୁନିନ୍ଦା ପଞ୍ଚାୟତ ରେନନ୍ଦାପାଟଣା ଗ୍ରାମର ଦୁଷ୍ମନ୍ତ ଜଣେ ଗଣମାଧ୍ୟମ ପ୍ରତିନିଧି ଭାବେ ଯେତିକି ପରିଚିତ ଥିଲେ, ସାମାଜିକ କର୍ମୀଭାବେ ସେତିକି ସୁନାମ ଅର୍ଜନ କରିଥିଲେ। ମା'ବାପା ଛେଉଣ୍ଡ ଲିଙ୍କନ୍ ଏବଂ ତାଙ୍କର ଅନ୍ୟ ୨ଜଣ ଭଉଣୀଙ୍କ ଦାୟିତ୍ୱ ନେଉଥିଲେ। ତାଙ୍କ ଦେହାନ୍ତ ସୂଚନା ପାଇ ଅଞ୍ଚଳର ବହୁ ବୈଦ୍ୟୁତିକ, ଛାପା ଗଣମାଧ୍ୟମ ପ୍ରତିନିଧିମାନେ କଟକରେ ପହଞ୍ଚିଥିଲେ। ତାଙ୍କର ଏଭଳି ବିୟୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଭୁବନ ଅଣାଯାଇ ନଗର ପରିକ୍ରମା କରାଯିବା ପରେ ପୈତୃକ ଗ୍ରାମକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବୀରବର ମହାନ୍ତିଙ୍କ ୩ ଝିଅପୁଅଙ୍କ ମଧ୍ୟରେ ଦୁଷ୍ମନ୍ତ ବଡ଼।

## ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ ଅଫିସ/ସାତମାଇଲ୍ (ଡି.ଏନ୍.ଏ.), ୨୫।୭

ଯୁବ ଗଣମାଧ୍ୟମ ପ୍ରତିନିଧି ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅକାଳ ବିୟୋଗରେ ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏହି ଉଦୀୟମାନ ଯୁବକ କମ୍ ବୟସରୁ ଅନେକଙ୍କ ପ୍ରେରଣା ପାଲଟିଥିବାବେଳେ ତାଙ୍କର ଏଭଳି ମୃତ୍ୟୁକୁ ଅନେକେ ବିଶ୍ୱାସ କରିପାରୁନାହାନ୍ତି। କଟକ ଏସ୍‌ସିବି ମେଡିକାଲରୁ ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇଥିବାବେଳେ ରାସ୍ତାର ଅନେକ ସ୍ଥାନରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଦେଓଗାଁଠାରେ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଆଶିଷ ଶତପଥୀ, ତାପସ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦୁଷ୍ମନ୍ତଙ୍କ ପରଲୋକରେ ଓଡ଼ାପଡ଼ା, ଗଁଦିଆ, କାମାକ୍ଷାନଗର, ଭୁବନ ସମେତ ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ ପାଇଛି।

ଓଡ଼ାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସଭାପତି ରବିନାରାୟଣ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଶୋକସଭାରେ ସମ୍ପାଦକ ଜଗନ୍ନାଥ ନାୟକ, ସହ ସମ୍ପାଦକ ନିରଞ୍ଜନ ସାହୁ, ସଞ୍ଜୟ ବେହେରା, ରଣଜିତ ନାୟକ, ଯଶୋବନ୍ତ ରଣଜିତରାୟ, ବିଷ୍ଣୁ ଚରଣ ସାହୁ, ସୁବାସ ରାଉତ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।


ଓଡ଼ାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତିସଭାରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ।

## ବର୍ଷାରେ ଉଜୁଡ଼ିଲା ପରିବା ଚାଷ


ନଷ୍ଟ ହୋଇଯାଇଥିବା ବାଇଗଣ ଚାଷ।

ପରଜଙ୍ଗ, ୨୫।୭(ଡି.ଏନ୍.ଏ.)

■ଚିନ୍ତାରେ ପରଜଙ୍ଗର ଚାଷୀ
■କ୍ଷତିପୂରଣ ଦାବି କଲେ

ଖରିଫ୍ ଧାନ ଚାଷ କରିଥିବା ଚାଷୀଙ୍କ ପାଇଁ ଖୁସି ଆଣିଛି ଲଗାଣ ବର୍ଷା। ହେଲେ ଏହା ପରିବା ଚାଷୀଙ୍କ ଉପରେ ଲଦିଦେଇଛି ଦୁଃଖର ପାହାଡ଼। ସପ୍ତାହେ ହେଲା ବର୍ଷା ଛାଡୁ ନ ଥିବାବେଳେ ଚାଷ ଉଜୁଡ଼ିଯିବାକୁ ବସିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ପରିବା ଚାଷୀ।

ପରଜଙ୍ଗ ବ୍ଲକର ଅଁଳାକଟା, ପାଳସାହି, ଚାନ୍ଦପୁର ଆଦି ଗ୍ରାମରେ ବ୍ୟାପକ ପରିମାଣର ପରିବା ଚାଷ ହୋଇଥାଏ। ସମ୍ପୃକ୍ତ ଅଞ୍ଚଳର ଚାଷୀ ବର୍ଷତମାମ ବାଇଗଣ, ଭେଣ୍ଡି, କଲରା, କାକୁଡ଼ି, କଖାରୁ ସମେତ ବିଭିନ୍ନ ପରିବା ଚାଷ କରୁଛନ୍ତି। ଉତ୍ପାଦିତ ଫସଲ ନିକଟ ହାଟ, ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ଲଗାଣବର୍ଷା ସେମାନଙ୍କ ସମସ୍ୟା ବଢ଼ାଇଛି। ଜମିରେ ପାଣି ଜମି ରହିବା କାରଣରୁ ଗଛ ସବୁ ନଷ୍ଟ ହେବାକୁ ବସିଲାଣି। ଶତାଧିକ ଚାଷୀଙ୍କ ବହୁ ଏକର ଜମିରେ ସମାନ ସମସ୍ୟା ସୃଷ୍ଟି ହୋଇଛି।

ଗୋଟିଏ ପଟେ ବର୍ଷା ଦାଉ ସାଧୁଥିବାବେଳେ ବାର୍‌ହା, ହାତୀ ଭଳି ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ମଧ୍ୟ ଚିନ୍ତାଜନକ ହୋଇଛି। ଚାଷୀମାନେ ରାତି ଉଜାଗର ରହି ଫସଲ ସୁରକ୍ଷା କରୁଛନ୍ତି। ତେଣୁ କୃଷି ବିଭାଗ ଏବଂ ବନ ବିଭାଗ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଅଁଳାକଟା ଗ୍ରାମର ଅର୍ଜୁନ ବେହେରା, ଶୈଳ ନାୟକ, ମଧୁ ବେହେରା, ସୁଦାମ ନାୟକ ପ୍ରମୁଖ ଦାବି କରିଛନ୍ତି।

# କବିତାରେ ମିଳନ୍, ବକ୍ତୃତାରେ ଅନନ୍ୟା ଶ୍ରେଷ୍ଠ

ଢେଙ୍କାନାଳ ଅଫିସ, ୨୫।୭

ରାଜ୍ୟସ୍ତରୀୟ ସାରସ୍ୱତ ପ୍ରତିଯୋଗିତା

ଓଡ଼ିଶା ସାହିତ୍ୟ ଏକାଡେମୀର ୬୫ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗ୍ରାମର ମିଳନ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମିଳନ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୮ମ ଶ୍ରେଣୀର ଛାତ୍ର। ସେହିପରି ବକ୍ତୃତା ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଏସ୍. ଅନନ୍ୟା ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଅନୁରୂପ ଭାବେ କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଯୋରନ୍ଦା ନୋଡାଲ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ସୌନ୍ଦର୍ଯ୍ୟା ପରିଡ଼ା ତୃତୀୟ, ବରିଷ୍ଠ ପ୍ରବନ୍ଧ ପ୍ରତିଯୋଗିତାରେ କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସୋମବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଓଡ଼ିଶା ସାହିତ୍ୟ ଏକାଡେମୀର ୬୫ତମ ସ୍ୱନକ୍ଷତ୍ର ପାଳନ କାର୍ଯ୍ୟକ୍ରମକୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ହିନ୍ଦୀ କବି ଅରୁଣ କମଲ, ଅନ୍ୟତମ ଅତିଥି ଭାବେ ସଂସ୍କୃତି ବିଭାଗ ସଚିବ ମଧୁସୂଦନ ପାଢ଼ୀ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପୃକ୍ତ କୃତୀ ପ୍ରତିଯୋଗୀଙ୍କୁ ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


କବିତା ଆବୃତ୍ତିରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବା ମିଳନ ଦାସଙ୍କୁ ପୁରସ୍କୃତ କରାଯାଇଛି।

# ଧାର୍ଯ୍ୟ ମାହାସୁଲଠାରୁ ଅଧିକ ଆଦାୟ ହେବନାହିଁ

ଢେଙ୍କାନାଳ ଅଫିସ, ୨୫।୭

ଶ୍ରାବଣ କାଉଡ଼ିଯାତ୍ରାରେ ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଜଳାଭିଷେକ କରିବା ପାଇଁ ଆସୁଥିବା ମାନସିକଧାରୀଙ୍କଠାରୁ କୌଣସି ପରିସ୍ଥିତିରେ ଧାର୍ଯ୍ୟ ମାହାସୁଲଠାରୁ ଅଧିକ ଅର୍ଥ ଆଦାୟ କରାଯିବ ନାହିଁ। ଢେଙ୍କାନାଳ ଜିଲା ଦେବୋତ୍ତର ବିଭାଗକୁ ସୋମବାର ଏଭଳି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଏଥିସହ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କ ନୀତିକାନ୍ତି ପରିଚାଳନାରେ ଯେପରି ସାମାନ୍ୟତମ ବିଭ୍ରାଟ ନ ହୁଏ ସେଥିଲାଗି ଯତ୍ନବାନ ହେବାକୁ କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି।

ଶ୍ରାବଣ ସୋମବାର କପିଳାସ ପୀଠକୁ ଜଳଲାଗି କରିବାକୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଯେପରି ମାନସିକଧାରୀମାନେ ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ସୋମବାର ଅପରାହ୍ନରେ ଜିଲାପାଳଙ୍କ ପ୍ରକୋଷ୍ଠରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏଥିରେ ଅଧ୍ୟକ୍ଷତା କରି କାଉଡି ଯାତ୍ରାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ନିକଟରେ ଏକାଧିକ ଟୋଲ୍ ଗେଟ୍‌ରେ ବେଆଇନ ଭାବେ ଫି' ଆଦାୟ କରାଯାଉଥିବା ନେଇ ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଜିଲାପାଳ ଉଦ୍‌ବେଗ ବ୍ୟକ୍ତ କରିବା ସହ କୌଣସି ନୂତନ ଟୋଲଗେଟ୍ ନ କରି ପୂର୍ବ ବ୍ୟବସ୍ଥା ଅନୁଯାୟୀ ଟୋଲ୍‌ଗେଟ୍ କାର୍ଯ୍ୟକାରୀ କରିବାକୁ କହିଛନ୍ତି। କପିଳାସରେ ସ୍ଥାୟୀ ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା କରାଯିବ। ବାରବାଙ୍କ ଘାଟି ରାସ୍ତା, ପାହାଚ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକୀକରଣ କରାଯିବ। ଜଳଲାଗି ଦିବସରେ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ଲାଗି ଆଶୁ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ। ପରିଷ୍କାର, ପରିଚ୍ଛନ୍ନତା ଓ ବିଶୋଧନ ଉପରେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ଏସଡିପିଓ ବିକାଶ କୁମାର ବେଉରା, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କପିଳାସ ପୀଠରେ ବେଆଇନ ଟୋଲ୍‌ଗେଟ୍ ମାଧ୍ୟମରେ ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କଠାରୁ ଧାର୍ଯ୍ୟ ପାର୍କିଂ ଫି'ଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଏହାକୁ ଗୁରୁତ୍ୱର ସହ ନେଇଛି ଜିଲା ପ୍ରଶାସନ।


ବୈଠକରେ ଜିଲାପାଳ, ଦେବୋତ୍ତର ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

■ଜିଲାପାଳଙ୍କ ଦେବୋତ୍ତର ବିଭାଗକୁ କଡ଼ା ତାଗିଦା
■ଅବ୍ୟବସ୍ଥା ପାଇଁ କର୍ମଚାରୀଙ୍କ ଉପରେ ବର୍ଷିଲେ


ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଶପଥ ନେବା ପରେ ଆଠମଲ୍ଲିକ ବ୍ଲକ ଭାଜପା ପକ୍ଷରୁ ପୁରୁଣାଗଡ଼ ମନ୍ଦିରରେ ପୂଜାର୍ଚ୍ଚନା ସହ ବିଜୟ ଉତ୍ସବ ପାଳନ କରାଯାଉଛି।


ପାଲଲହଡ଼ା ଉପଖଣ୍ଡ ରୋହିଲା ପଞ୍ଚାୟତ ଶୁଆବସା, ତାଣ୍ଡିବରେଣୀ ଆଦି ଆଦିବାସୀ ଗାଁର ଲୋକେ ପାରମ୍ପରିକ ନାଚରେ ମସଗୁଲ।

## ସଂକ୍ଷେପରେ

### ୨ ଦିନିଆ ରିମାଣ୍ଡରେ ଆସିଲେ ଅଭିଯୁକ୍ତ

**ଅନୁଗୋଳ ଅଫିସ, ୨୫।୭:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତରଙ୍କ ପୁଅଙ୍କ ନାମ ମେଡିକାଲ ପାଠ୍ୟକ୍ରମରେ ଲେଖାଇଦେବାକୁ କହି ଡାକ୍ତରଙ୍କ ଠାରୁ କୋଟିଏ ଟଙ୍କା ଠକେଇ ହୋଇଥିଲା। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ଅନୁଗୋଳ ପୋଲିସ ସୋମବାର ୨ ଦିନିଆ ରିମାଣ୍ଡରେ ଆଣିଛି। ଏହି ଘଟଣାର ଅଧିକ ତଦନ୍ତ ନିମନ୍ତେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। ଉକ୍ତ ଆବେଦନରେ କୋର୍ଟ ମୋହର ମାରିବା ପରେ ଅନୁଗୋଳ ପୋଲିସ ପୂର୍ବାହ୍ନ ୧୧ଟାରେ ଅଭିଯୁକ୍ତଙ୍କୁ ଆଣି ଅନୁଗୋଳ ଥାନାରେ ପଚରା ଉଚରା କରୁଛି। ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ପଚରା ଉଚରା କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ତାଙ୍କୁ ପୁନର୍ବାର ରିମାଣ୍ଡରେ ଅଣାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଡାକ୍ତର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କୁ କୋଟିଏ ଟଙ୍କା ଦେଇଥିଲେ ହେଁ ସେ ତାଙ୍କ ପୁଅଙ୍କ ନାମ ଡାକ୍ତରୀ ପାଠ୍ୟକ୍ରମରେ ଲେଖାଇ ଦେଇ ନ ଥିଲେ। ଏପରି କି ଟଙ୍କା ମଧ ଫେରସ୍ତ ଦେଇ ନ ଥିଲେ। ଏ ନେଇ ଡାକ୍ତର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ବିଲରେ କଚାଡ଼ି ମାରିଦେଲା ହାତୀ

**ଛେଣ୍ଡିପଦା, ୨୫।୭ (ସ୍ୱ.ପ୍ର.)**

ସକାଳେ ଶୌଚ ପାଇଁ ଯାଇଥିବା ଜଣେ ଯୁବକଙ୍କୁ ଶୁଣ୍ଢରେ ଟେକି ନେଇ ବିଲରେ କଚାଡ଼ି ମାରିଦେଇଛି ହାତୀ। ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ପଞ୍ଚାୟତ ମାରୁଡିପ ଗ୍ରାମରେ ସୋମବାର ଘଟିଥିବା ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରରୁ ଜଣଙ୍କୁ ନିଯୁକ୍ତି ଆଦି ଦାବିରେ ଗ୍ରାମବାସୀ ଅଡ଼ିବସିବାରୁ ଦୀର୍ଘସମୟ ପର୍ଯ୍ୟନ୍ତ ମୃତଦେହ ଘଟଣାସ୍ଥଳରେ ପଡ଼ିରହିଥିଲା। ତେବେ ନିୟମାନୁଯାୟୀ କ୍ଷତିପୂରଣ ଓ ମୃତକଙ୍କ ପୁଅଙ୍କୁ ଅସ୍ଥାୟୀ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

ପ୍ରକାଶ ଯେ, ଛେଣ୍ଡିପଦା ବନାଞ୍ଚଳ ମାରୁଡିପ ଗ୍ରାମର ଦୁର୍ଯ୍ୟୋଧନ ସାହୁ (୪୨) ସକାଳେ ଖନ୍ଦାବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦୌଡି ପଳାଇବାକୁ ଉଦ୍ୟମ କରିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ ବିଲ ମଝିରେ କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁର୍ଯ୍ୟୋଧନଙ୍କର ମୃତ୍ୟୁ ହୋଇଯାଇଥିଲା।


ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକଙ୍କ ମୃତଦେହ ବିଲରେ ପଡ଼ିରହିଛି।

- ■ଶୌଚ ପାଇଁ ଯାଇଥିବା ଯୁବକ ମୃତ
- ■କ୍ଷତିପୂରଣ ଦାବି ନେଇ ଗାଁରେ ଉତ୍ତେଜନା

ସ୍ଥାନୀୟ ଲୋକମାନେ ପାଟି କରିବାରୁ ଦନ୍ତା ହାତୀଟି ନିକଟସ୍ଥ ମାରୁଡିପ ସଂରକ୍ଷିତ ଜଙ୍ଗଲ ଆଡକୁ ପଳାଇଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଛେଣ୍ଡିପଦା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ, ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ପହଞ୍ଚିଥିଲେ ହେଁ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ମୃତକଙ୍କ ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି, ଗାଁ ଚାରିପଟେ ସୋଲାର ସୁରକ୍ଷା ବାଡ, ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଆଲୋକୀକରଣ କରାଯିବା ଆଦି ୭ ଦଫା ଦାବି ପୂରଣ ପାଇଁ ଗ୍ରାମବାସୀ ଜିଦ୍ ଧରିଥିଲେ। ପରେ ଏ ନେଇ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, ମୋତିଲାଲ ମାଝି, ଅନନ୍ତ କୁମାର ମାଝି ପ୍ରମୁଖ ଗ୍ରାମବାସୀ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ଅସ୍ଥାୟୀ ନିଯୁକ୍ତି ଓ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ, ସୋଲାର ସୁରକ୍ଷା ବାଡ ୩ ମାସ ମଧ୍ୟରେ ଆରମ୍ଭ କରିବା ପାଇଁ ଜିଲାପାଳଙ୍କୁ ଅବଗତ କରିବା, ଅବହେଳା କରିଥିବା ହାତୀସ୍କ୍ୱାଡ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନ ୧ଟା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା।

# ୪୧ ଅଭିଯୋଗର ଶୁଣାଣି

**ପାଲଲହଡା, ୨୫।୭ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡଠାରେ ସୋମବାର ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ ୪୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରେ ୩୭ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ରହିଥିଲା। ଖେମଲା ପଞ୍ଚାୟତ ବାରକୋଟିଆର ଅରୁଣ କୁମାର ସାହୁଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍ ତରଫରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ପୋଲିସ ଅଧୀକ୍ଷକ ଜଗମୋହନ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଉପଜିଲାପାଳ ସୁଶାନ୍ତ ପତି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଦିଲୀପ କୁମାର ବାଡା, ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରିନାରାଣୀ ନାଏକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ପାଠପଢ଼ା, ଅନ୍ୟ ସୁବିଧା ଦେବାକୁ ପ୍ରତିଶ୍ରୁତି

**ଅନୁଗୋଳ ଅଫିସ, ୨୫।୭**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ଶ୍ରୀରାମପୁର ଗ୍ରାମରେ ବିଲରେ ହଳ କରୁଥିବା ବେଳେ କାଦୁଅରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ଦୁଇଟି ଛୋଟ ପିଲା ଥିବା ଖବର ଶୁଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ସୋମବାର ମୃତକଙ୍କ ପରିବାରକୁ ଭେଟିଛନ୍ତି। ଏଥିସହ ମୃତକଙ୍କ ଦୁଇ ଶିଶୁଙ୍କ ପାଇଁ ପାଠପଢ଼ା ବ୍ୟବସ୍ଥା କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

- ■ବାପା ଛେଉଣ୍ଡ ପିଲାଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

ସୂଚନାଯୋଗ୍ୟ, ମୃତ ବ୍ୟକ୍ତିଙ୍କ ୨ ସନ୍ତାନ ରହିଛନ୍ତି। ଜଣେ ୮ ବର୍ଷର ଓ ଅନ୍ୟ ଜଣେ ଦୁଇ ବର୍ଷର। ୮ ବର୍ଷର ପିଲାଟି ନିକଟରେ ଥିବା ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଛନ୍ତି। ତାଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟରେ ପଢ଼ାଇବାକୁ ବ୍ୟବସ୍ଥା କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି। ଏଥିସହ ସାନ ପୁଅକୁ ଆବାସିକ ବିଦ୍ୟାଳୟରେ ପାଠପଢ଼ାଇବାର ବୟସ ହୋଇ ନ ଥିବାରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସ୍ୱାମୀଙ୍କୁ ହରାଇଥିବା ମହିଳାଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଆବାସ ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥାନୀୟ ବିଡିଓଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତି। ଏହି ଅବସରରେ ଡିସିପିଓ ବେହେରା ଶିଶୁ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ସମନ୍ୱିତ ଶିଶୁ ବିକାଶ ସେଣ୍ଟରରେ ଏକ ବୈଠକ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବାଲ୍ୟ ବିବାହ ନିରୋଧ, ଶିଶୁ କନ୍ୟା ଶିକ୍ଷା ଓ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ପାଲଲହଡ଼ା ବ୍ଲକ ଖେମାଳ ପଞ୍ଚାୟତରେ ପଞ୍ଚାୟତ ଲେଭଲ ଫେଡେରେଶନ (ଜିପିଏଲ୍‌ଏଫ୍) ବୈଠକ ମଧ କରିଥିଲେ। ଏଥିରେ ଶିଶୁ ସୁରକ୍ଷା ଆଇନ୍ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।


ମୃତକଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ।

# ମଦ ଭାଟି ଉଚ୍ଛେଦ କରିବାକୁ ଦାବି

**ଅନୁଗୋଳ ଅଫିସ, ୨୫।୭**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ପଞ୍ଚାୟତ ଟାକରସିଂହା ଗ୍ରାମବାସୀ ମଦଭାଟି ଉଚ୍ଛେଦ ପାଇଁ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ସମିତି ସଭ୍ୟ ପୂର୍ବରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଅବକାରୀ ବିଭାଗ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଗାଁ ଲୋକଙ୍କୁ ଏଥିରେ ସାମିଲ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ଗ୍ରାମର ମହିଳାମାନେ କହିଛନ୍ତି ଯେ, ଗାଁରେ ମଦ ଭାଟି ହେଉଥିବାରୁ ଅଶାନ୍ତି ଦେଖାଦେବ। ମଦ ଭାଟି ପଡୁଥିବା ରାସ୍ତା ଦେଇ ପିଲାମାନେ ସ୍କୁଲକୁ ଯାଉଛନ୍ତି। ସେହି ବାଟ ଦେଇ ଗ୍ରାମର ମହିଳାମାନେ ଯାତାୟାତ କରୁଛନ୍ତି। ଏଥିସହ ଗ୍ରାମରେ ମଦ ଭାଟି ହେଲେ ଯୁବକମାନେ ମଦ୍ୟପାନ କରି ନିଶାରେ ସର୍ବଦା ବୁଡ଼ି ରହିବେ। ମହିଳାମାନେ କାମ କରି ଆଣୁଥିବା ଟଙ୍କାକୁ ନେଇ ସେମାନେ ନିଶାପାନ କରି ଘରେ ଅଶାନ୍ତି ସୃଷ୍ଟି କରିବେ। ତେଣୁ ମଦ ଭାଟି ଉଚ୍ଛେଦ କରିବା ପାଇଁ ଜିଲାପାଳ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଯଦି ମଦ ଭାଟି ଉଚ୍ଛେଦ କରା ନ ଯାଏ ତା'ହେଲେ ଗ୍ରାମର ମହିଳାମାନେ ଆସି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।


ଜିଲାପାଳଙ୍କ ନିକଟରେ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ।

# ଶ୍ରମିକ ସମସ୍ୟା ନେଇ ଖଣିମନ୍ତ୍ରୀଙ୍କୁ ସାକ୍ଷାତ

**ବଣ୍ଟାରପାଳ, ୨୫।୭ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲଇଜ ୟୁନିୟନ (ନେପୁ)ର ଏକ ପ୍ରତିନିଧି ଦଳ ସଭପତି ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷତ କରିଥିଲେ। ନାଲ୍‌କୋ କର୍ମଚାରୀଙ୍କ ଅନେକ ଦାବିକୁ ନାଲ୍‌କୋ କର୍ତ୍ତୃପକ୍ଷ ସମାଧାନ କରୁନାହାନ୍ତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିବା ସହ ଶ୍ରମିକ ନେତାମାନଙ୍କୁ ଅଯଥାରେ ହଇରାଣ ହରକତ କରାଯାଉଥିବା ଅଭିଯୋଗ କରିଥିଲେ। ନାଲ୍‌କୋ ସିଏମ୍‌ଡି ଓ ନେପୁର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ କରାଯାଇ ଆସନ୍ତା ସପ୍ତାହରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏକ ବୈଠକ କରାଯିବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଏହି ସକ୍ଷାତ କାର୍ଯ୍ୟକ୍ରମରେ ନେପୁର କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ଅଜୟ ଦାସ, ସାଧାରଣ ସମ୍ପାଦକ ବୈରାଗୀ ସେଠ, ଶରତ ବେହେରା, ସତ୍ୟଜିତ ବିଶ୍ୱାଳ, ସରୋଜ ସାହୁ, ବଳରାମ ପ୍ରଧାନ, ଦୀପକ ସ୍ୱାଇଁ, ବୁବୁ ସାହୁ, ଲିଟୁ ଗଡ଼ନାୟକ, ସମୀର ତ୍ରିପାଠୀ, ରାହସ ସାହୁ, ବିମଳ ସାମନ୍ତ, ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

# ମୁଢ଼ି, ଚୁଡା ଉପରେ ଜିଏସ୍‌ଟିକୁ ବିରୋଧ

**ଅନୁଗୋଳ ଅଫିସ, ୨୫।୭**

ମୁଢ଼ି, ଚୁଡା, ଅଟା, ଦୁଗ୍ଧଜାତୀୟ ପଦାର୍ଥ ଉପରେ ଜିଏସ୍‌ଟି ପ୍ରତ୍ୟାହାର କରିବା, କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମନୋନୀତ କରାଯାଇଥିବା କମିଟିରେ ପ୍ରକୃତ ଚାଷୀମାନଙ୍କ ସ୍ୱାର୍ଥରକ୍ଷାକାରୀ ସଙ୍ଗଠନର ନେତୃବୃନ୍ଦଙ୍କୁ ସୁଯୋଗଦେବା, ଜନବିରୋଧୀ ବିଦ୍ୟୁତ୍ ଆଇନ ବାତିଲ କରିବା ଦାବିରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ପକ୍ଷରୁ ସୋମବାର ପ୍ରତିବାଦ କରାଯାଇଛି। ସଙ୍ଗଠନର ରାଜ୍ୟ କମିଟି ପକ୍ଷରୁ ୨୫ ଜୁଲାଇ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ଡାକରା ଅବସରରେ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବଣ୍ଟାରପାଳ ବ୍ଲକର କୁମଣ୍ଡ ଚଣ୍ଡିବଜାର, ଛେଣ୍ଡିପଦା ଏବଂ କିଶୋରନଗର ଠାରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ପ୍ରତିବାଦ କରାଯାଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବୃହତ ବ୍ୟବସାୟୀଙ୍କୁ ହଜାର ହଜାର କୋଟି ଟଙ୍କା ଟିକସ ଛାଡ କରୁଥିବାବେଳେ ସାଧାରଣ ଚାଷୀମୂଲିଆ ଗରିବ ଲୋକର ନୀତିଦିନିଆ ଖାଦ୍ୟ ମୁଢ଼ି, ଚୁଡା, ଅଟା, ଦୁଗ୍ଧଜାତୀୟ ପଦାର୍ଥ ଉପରେ ଜିଏସ୍‌ଟି ବସାଇବାକୁ ଦୃଢ଼ ନିନ୍ଦା କରିଥିଲେ। କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାର ମନୋନୀତ କରିଥିବା କମିଟିରେ ବଡ ବଡ ବ୍ୟବସାୟୀ ଏବଂ କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି ଚାଷୀ ନେତାଙ୍କୁ ମନୋନୀତ କରାଯାଇଥିବାବେଳେ ପ୍ରକୃତ ଚାଷୀସ୍ୱାର୍ଥ ରକ୍ଷା କରିବାକୁ ଲଢ଼େଇ କରୁଥିବା ଚାଷୀ ସଙ୍ଗଠନ ଏବଂ ନେତାଙ୍କୁ ସୁଯୋଗ ନ ଦେବା କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇକେକେଏମ୍‌ଏସ୍ ଜିଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ସମ୍ପାଦକ ରଣଜିତ ପ୍ରଧାନ, ସଙ୍ଗଠକ ସଞ୍ଜୟ ସାହୁ, କୁମାର ସାହୁ, ରମଣୀରଞ୍ଜନ ପ୍ରଧାନ, ବଳରାମ ନାୟକ, ଅଲେଖ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଏଆଇକେକେଏମ୍‌ଏସ୍ ପକ୍ଷରୁ ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

### ହତ୍ୟା ମାମଲା, ୨ ଗିରଫ

**କଣିହାଁ,୨୫।୭(ଡି.ଏନ.ଏ):** ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଯୌତୁକ ଓ ପାରିବାରିକ ସମସ୍ୟାକୁ ନେଇ ବଡ଼ଗୁଣ୍ଡୁରୀ ଗ୍ରାମରେ ଏକ ହତ୍ୟାକାଣ୍ଡ ଅଭିଯୋଗ ହୋଇଥିଲା। ଗତ ମେ ୧୬ ତାରିଖରେ ଶାଶୁ ଘର ଲୋକେ ଝିଅ ଦୀପ୍ତି ନାୟକଙ୍କୁ ମାରି ଶୌଚାଳୟରେ ପକାଇ ଦେଇଥିବା ମୃତ ମହିଳାଙ୍କ ବାପା ଅଭିଯୋଗ କରିଥିଲେ। ସେହି ସମୟରେ ଦୀପ୍ତିଙ୍କ ସ୍ୱାମୀ ବଡ଼ଗୁଣ୍ଡୁରୀ ଗ୍ରାମର ପ୍ରତାପ ସାହୁ, ଶାଶୁ ଗିରଫ ହୋଇଥିଲେ। ଏ ନେଇ ନଂ. ୧୨୪/୨୨ରେ ମାମଲା ରୁଜୁ ହୋଇଥିଲା। ଏଥିରେ ୫ ଜଣ ବ୍ୟକ୍ତି ସହଯୋଗ କରିଥିଲେ। ସୋମବାର ବଡ଼ଗୁଣ୍ଡୁରୀ ଗ୍ରାମର ନାଗା ଦାସ(୨୩) ଓ ଟଙ୍କଧର ବେହେରା(୩୫)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### କାଳିଆ ଯୋଜନା ଅନ୍ତର୍ଭୁକ୍ତ ନିମନ୍ତେ ବୈଠକ

**ମାଧପୁର,୨୫।୭:** ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ଭୂମିହୀନ କୃଷକମାନଙ୍କ ଉନ୍ନତି ନିମନ୍ତେ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷକରି କୃଷକ ପଞ୍ଜୀକରଣ, ଫସଲ ବୀମା ଯୋଜନା ଉପରେ ଆଲୋଚନା କରାଯିବା ସହିତ ପଞ୍ଜୀକରଣ ଦ୍ୱାରା କି କି ସରକାରୀ ସୁବିଧା ମିଳିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କମ୍ପଲା ସରପଞ୍ଚ ସୁଧୀର ସେଠୀ, ପଞ୍ଚାୟତ କୃଷି ଅଧିଦର୍ଶକ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହିତ ବହୁ ଜନ ସାଧାରଣ ଉପସ୍ଥିତ ଥିଲେ।

### ବୃଦ୍ଧଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା,୨୫।୭(ଡି.ଏନ.ଏ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡାର ଉପରସାହି ଗ୍ରାମର ରମେଶ ବେହେରାଙ୍କୁ ସେହି ଗ୍ରାମର କନ୍ଦର୍ପ ବେହେରା ଓ ଆଠମଲ୍ଲିକ ଅଞ୍ଚଳର ଦୁଃଖବନ୍ଧୁ ପଣ୍ଡା ଏକ ଠେଙ୍ଗାରେ ରବିବାର ଆକ୍ରମଣ କରିଥିବା ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୮୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରମେଶଙ୍କ ଘରେ ତାଙ୍କ ପୁଅ ଗଣ୍ଡଗୋଳ କରିଥିବା ବେଳେ ରମେଶ ବୁଝାଉଥିଲେ। ସେହି ସମୟରେ କନ୍ଦର୍ପ ଓ ଦୁଃଖବନ୍ଧୁ ଆସି ରମେଶଙ୍କ ସହ କୌଣସି କାରଣ ନ ଥାଇ ଯୁକ୍ତିତର୍କ କରିଥିଲେ। ପରେ ଏକ ଠେଙ୍ଗାରେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଜନସେବା କେନ୍ଦ୍ରରୁ ଚୋରି

**ବଇଣ୍ଡ,୨୫।୭(ଡି.ଏନ.ଏ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କଡିବାସପୁର ପଞ୍ଚାୟତ ଜରପଡା ଠାରେ ସୁଧାକର ପ୍ରଧାନ ଦେଇଥିବା ଜନ ସେବାକେନ୍ଦ୍ରରୁ ରବିବାର ରାତିରେ ଶଟର ଭାଙ୍ଗି ଚୋରି ହୋଇଥିବା ସୁଧାକର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି, ରବିବାର ରାତିରେ ଜନସେବା କେନ୍ଦ୍ର ବନ୍ଦ କରି ଘରକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ଶଟରର ତାଲା ଭାଙ୍ଗି ଦୋକାନରେ ଥିବା ଜେରକ୍ସ ମେଶିନ, କମ୍ପ୍ୟୁଟର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୮୨/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପୂର୍ବାହ୍ନ ୯ଟାରେ ପତାକା ଉତ୍ତୋଳନ



ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ଆଠମଲ୍ଲିକ,୨୫।୭(ଡି.ଏନ.ଏ.)**

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସଭାଗୃହରେ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ କୁଳମଣି ଦଳେଇ ବିବରଣୀ ପାଠ କରିଥିଲେ। ଉପଜିଲାପାଳ ବେହେରା ୨ ବର୍ଷ ପରେ କରୋନା କଟକଣା ନ ଥିବାରୁ ଚଳିତ ବର୍ଷ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନରେ ସହଯୋଗ କାମନା କରିଥିଲେ। ପୂର୍ବାହ୍ନ ୯ଟାରେ ହାଇସ୍କୁଲ ଖେଳ ପଡିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ଏନଏସି ଅଧ୍ୟକ୍ଷା, ଖବରଦାତାମାନେ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୨୫।୭(ଡି.ଏନ.ଏ)**

ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ଜଏରାଟ ଗ୍ରାମରେ ଚଢ଼ାଉ କରି ଧରଣୀ ବେହେରାଙ୍କ ଘରୁ ୩୫ ଲିଟରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ସଞ୍ଜାମୁରା ଗ୍ରାମରେ ଚଢ଼ାଉ କରି ହୀରାବତୀ ସାହୁଙ୍କ ଘରୁ ୩୦ ଲିଟର ଦେଶୀ ମହୁଲିମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ବରପଦର ଗ୍ରାମର ଦେବାନନ୍ଦ ସେଠୀଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏମାନେ ଚୋରାରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନୀତା ଓଝା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।



ଗିରଫ ଅଭିଯୁକ୍ତମାନେ।

# ଶିକ୍ଷକ, ଅଭିଭାବକଙ୍କୁ ନେଇ ବୈଠକ



ବୈଠକରେ ଉପସ୍ଥିତ ଶିକ୍ଷକ ଓ ଅଭିଭାବକମାନେ।

**ବଇଣ୍ଡା,୨୫।୭(ଡି.ଏନ.ଏ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଉପସଭାପତି ହେମନ୍ତ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ, ଆଚାର୍ଯ୍ୟ ଗଜାନନ ସାହୁ, ଅମରେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ଭୋଇ, ଆଚାର୍ଯ୍ୟା ସ୍ନେହଲତା ପ୍ରଧାନ, ଲିଟିଲି ବିଶ୍ୱାଳ, ବିଦ୍ୟାଳୟ କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ, ଅଭିଭାବକ ନବକିଶୋର ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ବିବେଶ ପ୍ରଧାନ, ସନକ ନାୟକ, ଛବିଳ ରାଉତ, ଟୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ବିଦ୍ୟାଳୟର କିଭଳି ବିକାଶ ହେବ ସେ ନେଇ ସମସ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ସଂସ୍କାରମୂଳକ ଶିକ୍ଷା ସାଙ୍ଗକୁ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁଜୀଗୁରୁମାମାନେ ଅଧିକ ଧ୍ୟାନ ଦେବାକୁ ଅଭିଭାବକ ମାନେ ପରାମର୍ଶ ଦେଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା



ବୈଠକରେ ଉପସ୍ଥିତ ସରପଞ୍ଚଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା,୨୫।୭(ଡି.ଏନ.ଏ)**

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲୋକ ପ୍ରଧାନ, ଜିଆରଏସ୍ ଜୟନ୍ତ ପ୍ରଧାନ, ନାଏବ ସରପଞ୍ଚ ସୁଶାନ୍ତ କୁମାର ସାହୁ, ବିଶ୍ୱଜିତ୍ ମହାନ୍ତି, ବିଶ୍ୱରଞ୍ଜନ ପ୍ରଧାନଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ। ହଣ୍ଡପା ପଞ୍ଚାୟତରେ କିଭଳି ସମସ୍ତ ସରକାରୀ ଯୋଜନା କାର୍ଯ୍ୟକ୍ଷମ ହେବା ସହ ପ୍ରତ୍ୟେକ ଗ୍ରାମର ବିକାଶ ହୋଇପାରିବ ସେ ସମ୍ପର୍କରେ ସମସ୍ତେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା।

## ଯୋଗ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ

**ଅନୁଗୋଳ ଅଫିସ,୨୫।୭**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ଯୋଗ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜେଏସ୍‌ପିଏଲ୍‌ର ଯୋଗ ପ୍ରଶିକ୍ଷକ ତଥା ଉପଦେଶକ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଯୋଗଦେଇ ଯୋଗର ସ୍ୱରୂପ ତଥା ମନୁଷ୍ୟ ଜୀବନରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ସକାଳେ ଭାରତୀୟ ଯୋଗ ସଂସ୍ଥାନର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଅକ୍ଷୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆସନ ଏବଂ ପ୍ରାଣାୟାମ କରାଯାଇଥିଲା। ଏହି କର୍ମଶାଳାରେ ଭାରତୀୟ ଯୋଗ ସଂସ୍ଥାନ, ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ଆଦିର ଯୋଗ ସାଧକ, ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ବିଜୟ ମୋଦି ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ସହିତ ସଂସ୍କାର ଜରୁରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଆଠମଲ୍ଲିକ,୨୫।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଅଏଡାସ୍ଥିତ ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩ତମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଲଳିତ ମୋହନ ବେହେରା, ମୁଖ୍ୟ ବକ୍ତା ଭାବେ ଉପଖଣ୍ଡ ବନ ଅଧିକାରୀ ଏସ୍. ଆନନ୍ଦ, +୨ କଲେଜ ପ୍ରତିଷ୍ଠାତା ସଭ୍ୟ ତଥା ଉପଦେଷ୍ଟା ଆଇନଜୀବୀ ଅସିତ ରଞ୍ଜନ ଦେଓ, କଲେଜ ସମ୍ପାଦକ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ସଂସ୍କାର ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷା କଳ୍ପନା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଲେଜ ନିର୍ମାଣ ପାଇଁ ଭୂମି ଦାନ କରିଥିବା ହରମୋହନ ବାରିକ, ବେଲାଲସେନ ଦେହୁରୀ, ଡମଣୀ କର୍ମୀ, କମଳାକାନ୍ତ ମିଶ୍ର, ସନ୍ତୋଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିବାରୁ ଏହି ଐତିହାସିକ ଦିନକୁ ମନେ ରଖିବା ପାଇଁ କଲେଜ ପରିସରରେ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଅଧ୍ୟାପକ ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୫୪ ୟୁନିଟ୍ ରକ୍ତ ସଂଗୃହୀତ

**କଣିହାଁ,୨୫।୭(ଡି.ଏନ.ଏ)**



ରକ୍ତଦାତାଙ୍କୁ ଅଧିକାରୀମାନେ ଉତ୍ସାହିତ କରୁଛନ୍ତି।

କଣିହାଁ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଭାରତୀୟ ମଜଦୁର୍ ସଂଘ ସହବନ୍ଧିତ ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ ମହାନଦୀ କ୍ଲବଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରକଳ୍ପର କାର୍ଯ୍ୟକାରୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ଉପସଭାପତି ସୁନାକରୀ ମାଲେଶମ, ତନଭି ସଙ୍ଗମର ସଭାପତି ସ୍ୱର୍ଣ୍ଣଲତା ରାଓ, ସମ୍ମାନିତ ଅତିଥି ଭାବେ ସିଆଇଏସ୍‌ଏଫ୍‌ର ଡିଓ୍ୱାଇ କମାଣ୍ଡାଣ୍ଟ ବ୍ରିଜ ମୋହନ ସିଂ, ମୁଖ୍ୟ ଚିକିତ୍ସାଧିକାରୀ ଗୋଦାବରୀଶ ମହକୁଲ, ମାନବସମ୍ବଳ ଅଧିକାର ରଫିକୁଲ ଇସଲାମ, ଏନ୍‌ଟିପିସି ମଜଦୁର ମହାସଂଘର ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର କାନୁନଗୋ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପର ସମସ୍ତ ମହପ୍ରବନ୍ଧକ ତଥା ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ। ତାଳଚେର ରକ୍ତଭଣ୍ଡାର ଅଧିକାରୀମାନେ ଶିବିର ପରିଚାଳନା କରିଥିଲେ।

# ବ୍ରାହ୍ମଣ ସମାଜର ନୂଆ କର୍ମକର୍ତ୍ତା

**ମାଧପୁର, ୨୫।୭**

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘର ଆହ୍ୱାନ କ୍ରମେ ଶନିବାର ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ରାଜୀବ ଭବନଠାରେ ମାଧପୁର ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଚିଦାନନ୍ଦ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଚଳିତବର୍ଷ ମାଟ୍ରିକ ପାସ କରିଥିବା ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟମକେଶ ଶତପଥୀ ଯୋଗଦେଇ ମାଧପୁର ଅଞ୍ଚଳର ସମସ୍ତ ବ୍ରାହ୍ମଣଙ୍କୁ ସଙ୍ଗଠିତ କରି ଅନୁଗୋଳ ଜିଲାରେ ଏକ ନମ୍ବର କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଚିଦାନନ୍ଦ ହୋତା, ଉପସଭାପତି ଦୁଃଖୀଶ୍ୟାମ ଷଡଙ୍ଗୀ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସହ ସମ୍ପାଦକ କୁନା ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ କୁଞ୍ଜବିହାରୀ ହୋତାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶାନ୍ତ ହୋତା, ସର୍ବେଶ୍ୱର ହୋତା, ଶ୍ରବଣ ପଣ୍ଡା, ରାଧେଶ୍ୟାମ ମିଶ୍ର, ଗୋପୀନାଥ ମିଶ୍ର ଏବଂ ପୁରଞ୍ଜନ ଚନ୍ଦକୁ ମନୋନୀତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ବ୍ଲକ ଘେରାଉ

**ବଇଣ୍ଡା,୨୫।୭(ଡି.ଏନ.ଏ)**

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଡାକ୍ତର ଅଭାବ ଲାଗିରହିଛି। ବହୁ ଅଭିଯୋଗ କଲେ ମଧ୍ୟ ଡାକ୍ତର ନିଯୁକ୍ତି କରାଯାଉ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ସମସ୍ତ ଡାକ୍ତର ସହ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ସୋମବାର ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ କିଶୋରନଗର ଶାଖା ପକ୍ଷରୁ କିଶୋରନଗର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏ ନେଇ ଏକ ୬ ଦଫା ସମ୍ବଳିତ ଦାବିପତ୍ର କିଶୋରନଗର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଶାଖା ପକ୍ଷରୁ କୁହାଯାଇଛି, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ବହୁ ଡାକ୍ତର ପଦବୀ ଖାଲିପଡିଛି। ବିଶେଷକରି ଶିଶୁ ରୋଗ, ଭେଷଜ, ସ୍ତ୍ରୀ ପ୍ରସୂତି ସହ ଅନେକ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ନର୍ସ, କର୍ମଚାରୀ ପଦବୀ ଖାଲି ପଡିଥିବାବେଳେ ସରକାରଙ୍କ ପକ୍ଷରୁ ପୂରଣ କରାଯାଉନାହିଁ। ଫଳରେ କିଶୋରନଗର ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତର ପଦବୀ ପୂରଣ ପାଇଁ ବହୁବାର ଦାବି ହେଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ସୋମବାର ଦୀନବନ୍ଧୁ ପ୍ରଧାନ, ରବୀନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ରମଣୀ ରଞ୍ଜନ ପ୍ରଧାନ, ଘନଶ୍ୟାମ ପ୍ରଧାନ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଆସି ବ୍ଲକ ଘେରାଉ କରିବା ସହ ବିକ୍ଷୋଭ କରିଥିଲେ।




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ସଚେତନ ହେଲେ ଡେଙ୍ଗୁ ଲୋପ ପାଇବ'

**କଣିହାଁ,୨୫।୭(ଡି.ଏନ.ଏ)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ସୋମବାର ଡେଙ୍ଗୁ ନିରାକରଣ ପାଇଁ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ ଏକ ମଶାବାହିତ ରୋଗ। ଏହାର ପ୍ରଭାବ ବର୍ଷାଦିନେ ଅଧିକ ଦେଖିବାକୁ ମିଳିଥାଏ। ଏହାର ନିରାକରଣ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରି ସଚେତନତା କରୁଛନ୍ତି। ଆମେ ସଚେତନ ହେଲେ ଡେଙ୍ଗୁ ସହିତ ମ୍ୟାଲେରିଆ ଲୋପପାଇବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। କଣିହାଁ ବିଡିଓ ନିଶାନ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ୍ତ ପଟେଲ, ଅତିରିକ୍ତ ତହସିଲଦାର ପ୍ରଭାତ ବିଶ୍ୱାଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଶିକ୍ଷା, ପାନୀୟ ଜଳ ବିଭାଗ ପ୍ରମୁଖମାନଙ୍କ ସହିତ ଅନେକ ପଞ୍ଚାୟତ ଲୋକପ୍ରତିନିଧିମାନେ ଯୋଗଦାନ କରିଥିଲେ। କଣିହାଁ ଭାରପ୍ରାପ୍ତ ପିଏଚଓ ମନଜିତ ସାହୁ, ଆୟୁଷ ଡାକ୍ତର ରାକେଶ ମହାରଣା, ବିପିଏମ ମୋନାଲିସା ପ୍ରଧାନ, ଅନୁପମ୍ କର ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

